BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan-Feb 2025
Refereed Peer-Reviewed Journal

# ପଶ୍ଚିମ ଓଡ଼ିଶାର ଲୋକୋକ୍ତି : ଏକ ପର୍ଯ୍ୟାଲୋଚନା

**ପ୍ରଦ୍ୟୁମ୍ନ ସାହୁ**
ଗବେଷକ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

BM2025/01-A005
RECEIVED : 25 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025
ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ଡ. ଗୋପୀନାଥ ବାଗ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

DOI:10.70541/BAGEESHA/2025030105

Article No. BM2025/01-A005
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ଲୋକସାହିତ୍ୟର ବିଭିନ୍ନ ବିଭବ ମଧ୍ୟରେ ଲୋକୋକ୍ତି ବା ଲୋକବାଣୀ ସ୍ୱତନ୍ତ୍ର। ବିଶ୍ୱର ବିଭିନ୍ନ କଥିତ ସାହିତ୍ୟରେ ବହୁ ପ୍ରାଚୀନ କାଳରୁ ଆଦ୍ୟାବଧି ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଭାରତ ତଥା ଓଡ଼ିଶାରେ ମଧ୍ୟ ଲୋକୋକ୍ତିର ବ୍ୟବହାର ବହୁମାତ୍ରାରେ ଦେଖିବାକୁ ମିଳିଥାଏ। ଓଡ଼ିଶାର ଉତ୍ତର, ଦକ୍ଷିଣ, ପୂର୍ବ ପରି ପଶ୍ଚିମାଞ୍ଚଳରେ ମଧ୍ୟ ସାଧାରଣ ଗ୍ରାମ୍ୟ ଜନତାର ମୁଖେମୁଖେ ଏହା ପ୍ରଚଳିତ। ଏହି ଅଞ୍ଚଳର ଲୋକ କଥିତ ଭାଷାକୁ ସମ୍ବଲପୁରୀ ଭାଷା ବୋଲି କୁହାଯାଇ ଥାଏ। ଏହା ମାନକ ଭାଷା ଓଡ଼ିଆର ଏକ ଉପଭାଷା ଅଟେ। ଓଡ଼ିଶାର ଅନ୍ୟାନ୍ୟ ଉପଭାଷା ପରି ସମ୍ବଲପୁରୀ ଭାଷାର ମଧ୍ୟ ସ୍ୱାତନ୍ତ୍ର୍ୟ ରହିଛି। ତେଣୁ ଏହି ଭାଷାରେ ପ୍ରଚଳିତ ଥିବା ଅନେକ ଲୁପ୍ତପ୍ରାୟ ଲୋକୋକ୍ତି ବା ଲୋକବାଣୀକୁ ଲୋକଲୋଚନକୁ ଆଣିବା ଓ ଏହାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିବା ହେଉଛି ଏହି ନିବନ୍ଧର ମୁଖ୍ୟ ଆଭିମୁଖ୍ୟ।

ମୂଳଶବ୍ଦ: ପଶ୍ଚିମ ଓଡ଼ିଶା, ଲୋକ ସାହିତ୍ୟ, ଲୋକୋକ୍ତି ବା ଲୋକବାଣୀ, ଢଗଢମାଳି ବା ଛଟା, ରୂଢ଼ି, ପ୍ରବାଦ, ପ୍ରବଚନ।

**ଉପକ୍ରମ:** ଲୋକସାହିତ୍ୟ ଲୋକଧାରାର ଏକ ବିଶେଷ ବିଭବ। ସାହିତ୍ୟ ଓ ସମାଜ ଜୀବନର ସ୍ୱରୂପ। ମଣିଷର କଳାତ୍ମକ ଅଭିବ୍ୟକ୍ତି ଯେତେବେଳେ ଭାଷାରେ ରୂପାୟିତ ହୁଏ, ସେତେବେଳେ ତାହା ସାହିତ୍ୟ ରୂପେ ପରିଚିତ ହୁଏ। ଏହି ସାହିତ୍ୟକୁ ପୁଣି ଦୁଇଟି ଭାଗରେ ବିଭକ୍ତ କରାଯାଇଥାଏ। ଯଥା- ଲିଖିତ ସାହିତ୍ୟ ଓ ମୌଖିକ ସାହିତ୍ୟ। ଲିଖିତ ସାହିତ୍ୟ ଲେଖକର ବିଦଗ୍ଧ ଚେତନାର ସୃଷ୍ଟି ହୋଇଥିବାବେଳେ ମୌଖିକ ସାହିତ୍ୟ ଲୋକମାନସ ଆଧାରିତ ଆବେଗର ସର୍ଜନା। ପୁଣି ଲିଖିତ ସାହିତ୍ୟର ସୁନିର୍ଦ୍ଦିଷ୍ଟ ଇତିହାସ ରହିଛି, ଯାହା ଲିପିବଦ୍ଧ। ମୌଖିକ ସାହିତ୍ୟର ଲିଖିତ ଇତିହାସ ନାହିଁ, ଅଛି ଅଲିଖିତ ଐତିହ୍ୟ। ଏହା କେଉଁ ଆଦିମ କାଳରୁ ମୁଖରୁ ମୁଖ ପର୍ଯ୍ୟନ୍ତ ପ୍ରସରି ଆସିଛି, ପ୍ରବାହିତ ସରିତ ପରି। ଏହାର ସୃଷ୍ଟିକର୍ତ୍ତା ମଧ୍ୟ ସମାଜର ସାଧାରଣ ବର୍ଗର ଗ୍ରାମ୍ୟ ବା ପଲ୍ଲୀଜନ, ତେଣୁ ଏହାର ଅନ୍ୟନାମ ଲୋକ ସାହିତ୍ୟ। କାରଣ ଭାରତର ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ଲୋକ-ସଂସ୍କୃତିବିତମାନେ 'ଲୋକ' ବୋଲି ଆଖ୍ୟାୟିତ କରିଛନ୍ତି। ଇଂରାଜୀ ଶବ୍ଦ 'Folk'ର ଅବିକଳ ପ୍ରତିଶବ୍ଦ 'ଲୋକ' ବୋଲି ସାଧାରଣରେ ଗୃହୀତ ହୋଇ ଥିବାରୁ ଏହାକୁ 'Folk Literature' ବୋଲି ମଧ୍ୟ କୁହାଯାଇଥାଏ।

**ବିଷୟର ଆଲୋଚନା:** ସାଧାରଣ ଲୋକ ଖଟିଖାଇ ଜୀବିକା ନିର୍ବାହ କରିଥାଏ। ଚାଷ କରେ, ଜଙ୍ଗଲକୁ ଯାଇ ଫଳମୂଳ, କାଠ ବା ଶିକାର ସଂଗ୍ରହ କରେ। ଶାରୀରିକ ଶ୍ରମ ହିଁ ତାର ଅର୍ଥାର୍ଜନର ଏକମାତ୍ର ପନ୍ଥା। ଅକ୍ଳାନ୍ତ ପରିଶ୍ରମରୁ ଜାତ କ୍ଳାନ୍ତିର ଅପନୋଦନ ପାଇଁ ସେ ଗୀତ ଗାଏ,ନାଟ କରେ, ନୃତ୍ୟ କରେ, ଗପ କହେ ଓ ଶୁଣେ। ପ୍ରକୃତି, ଜୀବଜନ୍ତୁ, ପରିବାର, ସମାଜ ଓ ତାହାର ସ୍ୱଭାବ ଆଦି ତାର ମୁଖ ନିଃସୃତ କଳାତ୍ମକ ଅଭିବ୍ୟକ୍ତିର ଆଧାର। ଲୋକ ମାନସ ଆଧାରିତ ଏ ସାହିତ୍ୟର ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ, ଗିରିର ଝର୍ଣ୍ଣର ପରି ଏହା ପ୍ରବାହମାନ୍। ତେଣୁ କୃତ୍ରିମତା ତଥା ଶାସ୍ତ୍ରୀୟତାଠାରୁ ଏହା ଦୂରରେ ରହେ। ଏହା ସ୍ୱଷ୍ଟ ଓ ସ୍ୱଚ୍ଛନ୍ଦ ଥିବାରୁ ଶତ୍ୟାଶ୍ରିତ। ତେଣୁ ଲୋକ ସାହିତ୍ୟ ସମାଜର ସମସ୍ତବର୍ଗର ଲୋକର ଆଶା-ନିରାଶା, ହର୍ଷ-ବିଷାଦ, ଜୀବନ-ମରଣ, ଲାଭ-ହାନୀ ଓ ସୁଖ-ଦୁଃଖ ଆଦିର ଚିତ୍ର ପ୍ରତିଫଳିତ ହୁଏ। ଲୋକ ପ୍ରକୃତି

ଓ ଲୋକ ପ୍ରବୃତ୍ତିରୁ ଜାତ ଅଭିବ୍ୟଞ୍ଜନାରେ ହିଁ ଏହି ସାହିତ୍ୟ ପରିପୁଷ୍ଟ। ସଂସ୍କୃତିର ବାହକ ଭାବେ ଲୋକ ସାହିତ୍ୟର ଭୂମିକା ତେଣୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକ ସାହିତ୍ୟର ପରିସର ବ୍ୟାପକ ହୋଇଥିବାରୁ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ। ଯଥା- ଲୋକ ଗୀତ(Folk Songs), ଲୋକ କଥା (Folk Tales), ଲୋକ ନାଟ୍ୟ (Folk Drama), ଲୋକ ଗାଥା(Folk Ballads) ଓ ଲୋକ ସୁଭାଷିତ ବା ଲୋକୋକ୍ତି (Folk Saying)।

'ଲୋକୋକ୍ତି' ହେଉଛି ଲୋକ ସାହିତ୍ୟର ଏକ ବିଶିଷ୍ଟ ବିଭବ। ଇଂରାଜୀରେ ଏହାର ପ୍ରତିଶବ୍ଦ ରୂପେ 'Proverb' ବା 'Adage'କୁ ଗ୍ରହଣ କରାଯାଏ। ଯାହା ଲାଟିନ୍ ଶବ୍ଦ 'Proverbium' ରୁ 'Proverb' ଏବଂ ଗ୍ରୀକ୍ ଶବ୍ଦ 'Adagium' ରୁ 'Adage' ଶବ୍ଦର ସୃଷ୍ଟି। ଉକ୍ତ ଦୁଇ ଉଦ୍ଧୃତ ଶବ୍ଦର ଅର୍ଥ ହେଲା- ଯାହା ଲୋକମାନଙ୍କ ମତରେ ବ୍ୟବହୃତ ବା ଯେଉଁ ନୀତିବାକ୍ୟ ଲୋକମାନଙ୍କ ମଧ୍ୟରେ ସୁପ୍ରଚଳିତ ହିନ୍ଦୀରେ ଏହାକୁ 'କାହାବତେ'(କାହାବତ୍) ବା ଓଡିଆରେ 'ଲୋକୋକ୍ତି' ବୋଲି କୁହାଯାଇଥାଏ। 'ଲୋକୋକ୍ତି' ଶବ୍ଦ ବ୍ୟତୀତ ଓଡ଼ିଆ ଭାଷାରେ ଏହା 'ଲୋକବାଣୀ', 'ଲୋକ ସୁଭାଷିତ' ବା 'ଢଗଢମାଳି' ନାମରେ ମଧ୍ୟ ପ୍ରଚଳିତ। ବ୍ୟୁତ୍ପତ୍ତିଗତ ଦୃଷ୍ଟିରୁ ସାଧାରଣତଃ ଏହା ଲୋକଙ୍କର 'ଉକ୍ତି' ବା 'ବାଣୀ' ଅଟେ। ଯାହାର ଅର୍ଥ ଭାବେ ବିଶେଷତଃ 'କଥା','ବଚନ' ବା 'ପ୍ରବଚନ' ଆଦିକୁ ବୁଝେଇ ଥାଏ। ଭାରତ ତଥା ବିଶ୍ୱର ପ୍ରାୟ ପ୍ରତ୍ୟେକ ଲୋକ ସାହିତ୍ୟରେ ଏହାର ପ୍ରଚଳନ ପ୍ରାଚୀନକାଳରୁ ରହିଆସିଛି। ତେଣୁ ଏହାର ପରିଭାଷା ସମ୍ପର୍କରେ ବିଭିନ୍ନ ଲୋକ ସାହିତ୍ୟ ବିତ୍ ନିଜ ନିଜର ମତବ୍ୟକ୍ତ କରିଯାଇଛନ୍ତି। ଏ ସମ୍ପର୍କରେ ପାଶ୍ଚାତ୍ୟ ଲେଖକ Arthur Mee ତାଙ୍କ Proverb Storiesରେ କହିଛନ୍ତି,– "Every nation has its proverbs-short pithy saying in which are contained much wisdom-the stories on this page illustrate same of these proverbs."(Vol.1. The Educational Book Company Limited-London- P-289)। ପୁଣି ଏ ସମ୍ପର୍କରେ ଲର୍ଡ ରସେଲ କୁହନ୍ତି- "ଢଗ ହେଉଛି ଉକ୍ତିର ଶାଣିତ ଅଂଶ"। ଅର୍ଥାତ୍ ଏହା ହେଉଛି ଉକ୍ତି ବା କଥାନର ଶାଣିତ ବା ବ୍ୟଙ୍ଗ ରୂପ ଯେଉଁଥିରେ, ବ୍ୟକ୍ତିକୁ ସମାଜକୁ ବିପଥଗାମୀରୁ ମୁକ୍ତ କରାଯାଇପାରିବ। ଭାରତୀୟ ଲୋକତତ୍ତ୍ୱବିତ୍ ଡକ୍ଟର କହ୍ନେୟାଲାଲ୍‌ଙ୍କ ମତରେ -"ନିଜ ବକ୍ତବ୍ୟର ସ୍ୱଷ୍ଟ ନିମିତ୍ତ କାହାକୁ କିଛି ଶିକ୍ଷା ଦେବା କିମ୍ବା ଚେତାବନୀ ଦେବା ଉଦ୍ଦେଶ୍ୟରେ କୌଣସି କଥାକୁ କୌଣସି ପ୍ରକାରେ ପ୍ରକାଶ କରିବା କିମ୍ବା କାହା ପ୍ରତି ବ୍ୟଙ୍ଗ କରିବା ନିମିତ୍ତ ଯେଉଁ ସ୍ୱତନ୍ତ୍ର ଅର୍ଥ-ଦ୍ୟୋତକ ଲୋକ ପ୍ରଚଳିତ ତଥା ସାମାନ୍ୟତଃ ସାରଗର୍ଭକ, ସଂକ୍ଷିପ୍ତ ଉକ୍ତି ପ୍ରୟୋଗ କରାଯାଏ ତାହାକୁ ଲୋକୋକ୍ତି ବା କାହାବତ୍ ନାମରେ ନାମିତ କରାଯାଇ ପାରେ"(ରାଜସ୍ଥାନୀ କାହାବତେଁ : ଏକ ଅଧ୍ୟୟନ - ଡକ୍ଟର କହ୍ନେୟାଲାଲ୍ ସହଳ, ପୃ-୨୦)। ଅର୍ଥାତ୍ ବ୍ୟକ୍ତି ବା ସମାଜକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ନୀତି ବା ବ୍ୟଙ୍ଗମୂଳକ ସ୍ୱତନ୍ତ୍ର ଅର୍ଥ ପ୍ରକାଶ କରିବାର କ୍ଷମତା ରଖୁଥିବା ପଦ ବା କ୍ଷୁଦ୍ର ବାକ୍ୟକୁ ଲୋକୋକ୍ତି କୁହାଯାଏ। ଡ଼ କୃଷ୍ଣଦେବ ଉପାଧ୍ୟାୟଙ୍କ ଭାଷାରେ -"ଲୋକୋକ୍ତି ହେଉଛି ଅନୁଭବ ସିଦ୍ଧ ଜ୍ଞାନର ନିଧି ସ୍ୱରୂପ। ମଣିଷ ଯୁଗ ଯୁଗ ଧରି ସାକ୍ଷାତକାର କରିଥିବା ତଥ୍ୟ ଗୁଡ଼ିକ ଲୋକୋକ୍ତି ମାଧ୍ୟମରେ ପ୍ରକାଶ କରିଥାଏ। ଏହା ହେଉଛି ଅନୁଭବ ଜ୍ଞାନର ଚିରନ୍ତନ ସୂତ୍ର"(ଲୋକ୍ ସାହିତ୍ୟ କି ଭୂମିକା- ଡକ୍ଟର କୃଷ୍ଣଦେବ ଉପାଧାୟ, ପୃ-୧୭୪)। ଏହି ମତ ଗୁଡିକରୁ ସାଧାରଣତଃ ଜଣାପଡ଼େ ଯେ ପଲ୍ଲୀ ବା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଦୈନନ୍ଦିନ ଜୀବନରେ ବ୍ୟବହାର ଯେଉଁସବୁ ନୀତିଶିକ୍ଷାମୂଳକ ପଦ ବା କ୍ଷୁଦ୍ର ବାକ୍ୟକୁ ଲୋକୋକ୍ତି ବା ଢଗଢମାଳି କୁହାଯାଇଥାଏ। ଏହାର ବ୍ୟବହାରଦ୍ୱାରା ଲୋକ ସାଧରଣଙ୍କ ଚିନ୍ତା-ଚରିତ୍ର, ଜ୍ଞାନର ବିଶେଷତା, ଆଚାର-ବିଚାର, ସମ୍ପର୍କରେ ଜଣା ପଡ଼ିଥାଏ। ତେଣୁ ଯଦିଓ ଲୋକ ସାହିତ୍ୟର ଅନ୍ୟ ସମସ୍ତ ବିଭବଠାରୁ ଏହା ସଂକ୍ଷିପ୍ତ, ତଥାପି ମଧ୍ୟ ସବୁଠୁ ଶକ୍ତିଶାଳୀ ସଂପ୍ରେଷଣ। ଏ ସମ୍ପର୍କରେ ଓଡିଆ ଲୋକ ସାହିତ୍ୟ ଗବେଷକ ଡକ୍ଟର କୁଞ୍ଜବିହାରୀ ଦାଶ ମତବ୍ୟକ୍ତ କରି କହିଛନ୍ତି,-" ଢଗଢମାଳି, ଛଟା ଯେ କୌଣସି ଶ୍ରେଷ୍ଠ ଭାଷାର ଭୂଷଣ। ଏଥିରୁ ଲୋକ ସାଧରଣଙ୍କ ଚିନ୍ତା-ଚରିତ୍ର, ପ୍ରତ୍ୟୁତ୍ପନ୍ନ, ଜ୍ଞାନ ବୃଦ୍ଧି, ଆଚାର ବିଚାର, ସୌନ୍ଦର୍ଯ୍ୟ, ସାଧନା, ବ୍ୟଙ୍ଗ ବିଳାସ, ରୁଚି ଓ ଶୁଚିତାର ଖାଣ୍ଟି ପରିଚୟ ମିଳେ। X X X X। ନୀତି ପ୍ରଚାର ଏହାର ଲକ୍ଷ୍ୟ ନ ହେଲେ ବି ନୀତି ଉପଦେଶର ଅଭାବ ଏଥିରେ ନ ଥାଏ"(ଓଡିଆ ଲୋକଗୀତ ଓ ଲୋକ କାହାଣୀ - ଡକ୍ଟର କୁଞ୍ଜବିହାରୀ ଦାଶ, ପୃ୨୫୩)।

ଲୋକୋକ୍ତି ସାଧାରଣତଃ ସମାଜଦ୍ୱାରା, ସମାଜକୁ ଲକ୍ଷ୍ୟ କରି ସମାଜ ପାଇଁ ସୃଷ୍ଟି ହୋଇଅଛି। ଜନ ସମାଜର ଐତିହାସିକ ଜୀବନଯାତ୍ରା, ଦୈନନ୍ଦିନ ଜୀବନ ଯାତ୍ରାର ଛୋଟ ବଡ଼ ଦୁଃଖ ସୁଖର ଅନୁଭୂତି, କର୍ମ ତଥା ସାମାଜିକ ଜୀବନ ଉପଲବ୍ଧି ଅନୁଭବରାଜିକୁ ପରିବହନ କରି ଲୋକୋକ୍ତି ସାମାଜିକ ଶିକ୍ଷୟିତ୍ରୀର ଭୂମିକା ନିର୍ବାହ କରିଥାଏ। ଏହା ମନୋରଂଜନ, ପରିବେଶକୁ ହାଲୁକା କରିବା, ଶିଶୁ ଓ ଯୁବାବର୍ଗଙ୍କୁ ଶିକ୍ଷାଦେବା, ସାମାଜିକ ବ୍ୟବହାର ଓ ଅନୁଭୂତିର ପ୍ରଖ୍ୟାପନ କରିବା, ବିଶ୍ୱାସ, ପରମ୍ପରା ଇତ୍ୟାଦିର ଯୌକ୍ତିକତା ପ୍ରଦାନ କରିବା ଆଦି କାମରେ ସାଧାରଣତଃ ବ୍ୟବହୃତ ହୋଇଥାଏ। ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ଯଦିଓ କ୍ଷୁଦ୍ର ତଥାପି ମଧ୍ୟ ଏହାର ପରିସର ବ୍ୟାପକ ଅଟେ। ପୁଣି ଲୋକୋକ୍ତି କହିଲେ କେବଳ ଢଗଢମାଳି ବା ପ୍ରବାଦ ପ୍ରବଚନକୁ ବୁଝାଏ ନାହିଁ। ଏହାର ରୂପ ଭିନ୍ନ ଭିନ୍ନ ଥିବାରୁ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇ ପାରେ। ଯଥା – ଢଗ ଢମାଳି ବା ଛଟା ବା ଦାଏକା, ରୂଢ଼ି, ପ୍ରବାଦ, ପ୍ରବଚନ, ପହଳି ବା ପ୍ରହଳିକା ବା ନାଁ ଦିଆ ବା ଧନ୍ଦା ବା ବଖାନି ଇତ୍ୟାଦି। ପ୍ରାଚୀନ କାଳରୁ ଏହା ଲୋକରୁ ଲୋକ ମୁଖ ପର୍ଯ୍ୟନ୍ତ କଥିତ ଆକାରରେ ରହି ଆସିଥିବାରୁ ଏହାର ଅନ୍ୟନାମ ଶ୍ରୁତି ଅଟେ। ଦୀର୍ଘ ସମୟ ଧରି କଥିତ ଆକାରରେ ଥିବାରୁ ବର୍ତ୍ତମାନ ଏହାର ଅନେକ ତତ୍ତ୍ୱ ତଥ୍ୟ ବିସ୍ମୃତ। ମାତ୍ର ଆଧୁନିକ ଶିକ୍ଷାର ବିକାଶ ଫଳରେ

ଊନବିଂଶ ଶତକର ଶେଷାର୍ଦ୍ଧରେ ଅନେକ ଲୋକ ସାହିତ୍ୟ ସଂଗ୍ରାହକ ଅଳ୍ପବହୁତେ ସଂଗ୍ରହ କରିପାରିଛନ୍ତି। ଯାହା ପରବର୍ତ୍ତୀ ପିଢ଼ିପାଇଁ ଅନେକ ମୂଲ୍ୟବାନ ସମ୍ପଦ ଅଟେ।

ଭାଷାଭିତ୍ତିରେ ଓଡ଼ିଶା ହେଉଛି ସର୍ବପ୍ରଥମ ରାଜ୍ୟ ଯିଏକି ସର୍ବ ଭାରତୀୟ ସ୍ତରରେ ପ୍ରଥମେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା। ଏଠିକାର ଜନସାଧାରଣଙ୍କ ଭାଷା ହେଉଛି ଓଡ଼ିଆ। ସମସ୍ତେ ଓଡ଼ିଆ ଭାଷାକୁ ପଢ଼ି ଓ ବୁଝି ପାରୁଥିଲେ ହେଁ ଆଞ୍ଚଳିକତା ଭେଦରେ ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଓଡ଼ିଶାର କଥିତ ଭାଷାରେ ଅଳ୍ପବହୁତେ ଭିନ୍ନତା ରହିଛି। ଏହି ଅଞ୍ଚଳଗୁଡ଼ିକର ଲୋକେ କଥିତ ଭାଷା ମାଧ୍ୟମରେ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥାନ୍ତି। ତେଣୁ ଏହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାର ପଶ୍ଚିମାଞ୍ଚଳ କହିଲେ ମୁଖ୍ୟତଃ ଦଶଗୋଟି ଜିଲ୍ଲାର ଭୌଗୋଳିକ ପରିସୀମାକୁ ବୁଝାଇ ଥାଏ। ଏହି ଦଶଟି ଜିଲ୍ଲା ହେଲା- ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଝାରସୁଗୁଡା, ବୌଦ୍ଧ, ସୁନ୍ଦରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର(ସୋନପୁର)। ଉକ୍ତ ଅଞ୍ଚଳର କଥିତ ଭାଷାକୁ 'ସମ୍ବଲପୁରୀ' କୁହାଯାଇଥାଏ। ଯଦିଓ ଉକ୍ତ ଜିଲ୍ଲା ଗୁଡ଼ିକର ପରସ୍ପରର କଥିତ ଭଷାରେ ଅଳ୍ପବହୁତେ ଭିନ୍ନତା ଥିଲେ ମଧ୍ୟ ସମ୍ବଲପୁରୀ ଭାଷା ସହ ପ୍ରାୟତଃ ସାମଞ୍ଜସ୍ୟ ଥିବାରୁ, ଜନଧାରଣା ଏହି ଭଷାରେ ଭାବ ବିନିମୟ କରିଥାନ୍ତି। ସମ୍ବଲପୁରୀ ଏକ ଆଞ୍ଚଳିକ ଭଷା(ଓଡ଼ିଆ ଭଷାର ଉପଭାଷା) ହୋଇ ଥିବାରୁ ଏହାର ଲିଖିତ ରୂପ ମିଳୁ ନଥିଲେ ହେଁ, ବହୁ ପୁରାତନ କାଳରୁ ଏହାର କଥିତ ରୂପ ରହି ଆସିଛି। ଏହି ଦୃଷ୍ଟିରୁ କଥିତ ସାହିତ୍ୟ ଲୋକ ସାହିତ୍ୟ ହୋଇଥିବାରୁ ଏହି ଅଞ୍ଚଳର ଲୋକ ସାହିତ୍ୟ ବହୁ ପ୍ରାଚୀନ। ପୁଣି ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ପ୍ରଚଳିତ ଲୋକ ସାହିତ୍ୟଠାରୁ ଏଠିକାର କଥିତ ଭାଷା ବ୍ୟତୀତ ସଂସ୍କୃତି, ପରମ୍ପରା ଓ ଚଳଣି ଦୃଷ୍ଟିରୁ ମଧ୍ୟ ଅନେକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ। ପଶ୍ଚିମ ଓଡ଼ିଶାରେ ଅବସ୍ଥିତ ଜିଲ୍ଲାଗୁଡ଼ିକ ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ, ଏମାନେ ସମସ୍ତେ ଗୋଟିଏ ସାଂସ୍କୃତିକ ତଥା ସାମାଜିକ ପରିବେଷ୍ଟନୀରେ ଆବଦ୍ଧ। ଏମାନଙ୍କ ରୀତିନୀତି ଚାଲିଚଳଣି, ଭାଷା, ପରମ୍ପରା ଓ ସାମାଜିକ ତଥା ଆଧ୍ୟତ୍ମିକ ଅନୁଷ୍ଠାନରେ ବହୁ ସାମଞ୍ଜସ୍ୟ ରହିଛି। ଏ ଅଞ୍ଚଳର ଲୋକ ସାହିତ୍ୟ ମୁଖ୍ୟତଃ ଆଞ୍ଚଳିକ ସାମାଜିକ ପୃଷ୍ଠଭୂମି ଉପରେ ଆଧାରିତ। ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଓ କର୍ମନିପୁଣ ଲୋକ-ଜୀବନର ଅବସର ବିନୋଦନ ପାଇଁ ଲୋକ ସାହିତ୍ୟ ହିଁ ବିଭିନ୍ନ ଉପାଦାନ ଯୋଗାଇଥାଏ। ଏହି ଉପାଦାନ ସ୍ୱରୂପ ହେଲା ଯଥା- 'ଲୋକ ଗୀତ'(ଡାଳଖାଇ, ରସରକେଳି, ମାଏଲାଜଡ଼, ହୁମବଉଳି, ପୁଅ ଜିଉଁତିଆ, ଭାଇ ଜିଉଁତିଆ, କଳାସୀ ଓଷା), 'ଲୋକ ନାଟକ'(ଡଣ୍ଡ,ଧନୁଯାତ୍ରା, ଘୁମୁରା ନୃତ୍ୟ, କରମା ନୃତ୍ୟ) 'ଲୋକ କାହାଣୀ'(ଲକଠକ୍ କାହାନି), 'ଲୋକୋକ୍ତି'(ଢଗ ଢମାଳି ବା ଛଟା ବା ଦାଏକା, ରୂଢ଼ି, ପ୍ରବାଦ, ପ୍ରବଚନ, ପହଲି ବା ପ୍ରହେଳିକା ବା ନାଁ ଦିଆ ବା ଧନ୍ଦା ବା ବଖାନି) ଇତ୍ୟାଦି। ଏହି ପ୍ରବନ୍ଧରେ ପଶ୍ଚିମ ଓଡ଼ିଶାର ଲୋକୋକ୍ତି ହିଁ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଥିବାରୁ ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗକୁ ବାଦ୍ ଦେଇ 'ଲୋକୋକ୍ତି' ସମ୍ପର୍କରେ ହିଁ ପର୍ଯ୍ୟାଲୋଚନା କରାଯିବ। ନିମ୍ନରେ 'ଲୋକୋକ୍ତି'ର ସମସ୍ତ ରୂପ- ଢଗ ଢମାଳି ବା ଛଟା ବା ଦାଏକା, ରୂଢ଼ି, ପ୍ରବାଦ, ପ୍ରବଚନ, ପହଲି ବା ପ୍ରହଳିକା ବା ନାଁ ଦିଆ ବା ଧନ୍ଦା ବା ବଖାନିଆଦି ସମ୍ପର୍କରେ ବିଷଦ ରୂପେ ଆଲୋଚନା କରାଗଲା।

(କ) ଢଗଢମାଳି(ଛଟା/ ଦାଏକା) – ଢଗଢମାଳି ଲୋକୋକ୍ତିର ଏକ ମୁଖ୍ୟ ବିଭବ। ଏହା ଏକ ଯୋଗଭୂତ ଶବ୍ଦ 'ଢଗ' ଓ 'ଢମାଳି' ଅଟେ। ମୂଳ ଶବ୍ଦ ହେଲା – 'ଢଗ'। ଇଂରାଜୀରେ ଏହାକୁ 'Proverb' କୁହାଯାଇଥାଏ। ଢଗ ଶବ୍ଦଟି କେଉଁ ଶବ୍ଦରୁ ଆସିଛି ତାହା ଯଦିଓ ସୁନିର୍ଦ୍ଦିଷ୍ଟ ନୁହେଁ, ତଥାପି ଅନୁମାନ କରିହୁଏ ଯେ - 'ଢଙ୍ଗ' ଶବ୍ଦରୁ ସୃଷ୍ଟି। ଲୋକଶବ୍ଦ 'ଢଙ୍ଗ'ର ଅର୍ଥ- 'ବ୍ୟବହାର', 'ରୀତି-ନୀତି', 'ଚାଲିଚଳଣି'। ପୁଣି ଏହାର ଅନ୍ୟଏକ ଅର୍ଥ ହେଲା- 'ଶୈଳୀ'(Style)। କଥୋପକଥନର ଏହା ଏକ ବିଶେଷ ଶୈଳୀ ହୋଇଥିବାରୁ ଏବଂ ଏହି ବିଶେଷ ଶୈଳୀଦ୍ୱାରା ଦୀର୍ଘକଥା ସ୍ୱଳ୍ପ ସମୟରେ ସଂକ୍ଷିପ୍ତ ପ୍ରକାଶ କରାଯାଇଥିବାରୁ ଏପରି ଶୈଳୀର ନାମ 'ଢଗ' ହୋଇଅଛି। ପୁଣି 'ଢମାଳି' ଶବ୍ଦଟି 'ଢଗ' ଶବ୍ଦର ଲଥା। ମାତ୍ର ଗୋପାଳ ଚନ୍ଦ୍ର ପ୍ରହରାଜ 'ଢମାଳି'କୁ 'ଢଗ' ଠାରୁ ଭିନ୍ନ ରୂପରେ ଉଲ୍ଲେଖ କରିଛନ୍ତି ତାଙ୍କ 'ଢଗ-ଢମାଳି – ବଚନ' ପୁସ୍ତକରେ। ଏଥରେ ସେ ଉଲ୍ଲେଖ କରିଛନ୍ତି ଯେ-"ଦେଖାଯାଏ 'ଢଗ' ମାନଙ୍କରେ ଯତିପାତ ଓ ଉପଧା ମିଳିବାର ଚେଷ୍ଟା କରାଯାଇଥାଏ, ଏମନ୍ତ କି ଶେଷ ପଦର ଯତି ଓ ଉପଧା ମିଳାଇବା ନିମନ୍ତେ ଗୋଟିଏ ନିରର୍ଥକ ପ୍ରଥମପାଦ ମଧ୍ୟ 'ଢଗ'ରେ ବୋଲାଯାଇ ଥାଏ। × X X X X 'ଢମାଳି'ରେ ଯତି ବା ଶେଷ ବର୍ଣ୍ଣ ମେଳ ନ ହୋଇ ବାକ୍ୟ ବ୍ୟବହାର କରାଯାଇ ଥାଏ।(୧ମ ଭାଗ- ଗୋପାଳ ଚନ୍ଦ୍ର ପ୍ରହରାଜ, ୧୯୨୬,ପୃ: ୨୦-୨୧)। କିନ୍ତୁ, ଏହା ଯଥାର୍ଥ ନୁହେଁ ବୋଲି ଲୋକ- ସାହିତ୍ୟର ଗବେଷକ କୁଞ୍ଜବିହାରୀ ଦାଶ ମତପ୍ରଦାନ କରି ଅଛନ୍ତି। ତାଙ୍କ ମତରେ- "କିନ୍ତୁ ପ୍ରହାରାଜ ଉଭୟ ମଧ୍ୟରେ ତାରତମ୍ୟ ଦର୍ଶାଇଛନ୍ତି, ଏହା ଯଥାର୍ଥ ବୋଧ ହୁଏ ନାହିଁ। X X X X ଅଧିକାଂଶ ଲୋକୋକ୍ତିରେ ଏକା ଶେଷ ଅକ୍ଷର ମେଳ କାହିଁକି, ଉପଧାର ମେଳ ରହିଅଛି। ଏକା ଏହି ଲକ୍ଷଣ ଯୋଗୁଁ ଏହା ଢଗ ପଦବାଚ୍ୟ ହୋଇନପାରେ"।(ଓଡ଼ିଆ ଢଗଢମାଳି ସଞ୍ଚୟନ : ଏକ ଅଧ୍ୟୟନ – ଲୋକବାଣୀ ସଞ୍ଚୟନ-(୧ମ ଭାଗ)୧୯୭୩, ପୃ: ୧୭)। ଅତଏବ, କଥାର 'ଲଥା' ପରି 'ଢଗ' ଶବ୍ଦଟି ଆପେ ଆପେ ଲୋକ ସମାଜରେ ଉଚ୍ଚାରିତ ହୋଇଛି। 'କଥା' ର 'ଲଥା' ସୃଷ୍ଟି ହୋଇଥାଏ ମୂଳ ଶବ୍ଦଟିକୁ ଶ୍ରୋତାର ମନୋରାଜ୍ୟରେ ଅଧିକ ପ୍ରଭାବ ପକାଇ ପ୍ରତିଷ୍ଠିତ କରିବାକୁ। ଏହା ମୂଳବସ୍ତୁର ପ୍ରତିଫଳନ ସ୍ୱରୂପ। ଯେମିତି ମୂଳ ବସ୍ତୁକୁ ବାଦ୍ ଦେଲେ ପ୍ରତିଫଳନର ସ୍ଥିତି ରହେ ନାହିଁ, ଠିକ୍ ସେହିପରି 'ଢମାଳି' ଶବ୍ଦଟି 'ଢଗ' ସହିତ ସଂଯୁକ୍ତ।

ଢଗକୁ ପଶ୍ଚିମ ଓଡ଼ିଶାରେ 'ଛଟା' ବା 'ଦାଏକା' କୁହାଯାଏ। 'ଛଟା' କହିଲେ ସାଧାରଣତଃ ବ୍ୟଙ୍ଗ ବିଦ୍ରୁପ ପଦ ବା ବାକ୍ୟାଂଶକୁ ବୁଝାଇ ଥାଏ। ଏହା ଶ୍ରୋତାକୁ ଆକ୍ଷେପ କରି କୁହାଯାଇଥାଏ। ଏଣୁ ଏହା ଆକ୍ଷେପକ୍ତି ବା ଲଗାକଥା। ଏହାର ପ୍ରୟୋଗ

ପ୍ରକ୍ରିୟାକୁ 'ଛଟାମରା ବା ଦାଏକାମରା' କୁହାଯାଇଥାଏ। ଏହା ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଉଭୟ ରୂପରେ ପ୍ରୟୋଗ କରାଯାଇ ଥାଏ। ଛଟାର ବ୍ୟବହାର ଗ୍ରାମୀଣ ସ୍ତ୍ରୀଲୋକମାନେ ହିଁ ଅଧିକ ବ୍ୟବହାର କରିଥାନ୍ତି। ଗାଁର ସ୍ତ୍ରୀଲୋକମାନେ ଛଟାମେଳାଇ ମୁହଁଟିକୁ ଛାଟି ଦେଇ ବା ମୁହଁ ବିକୃତ କରିଦେଇ ଅଥବା ମେଞ୍ଚାଏ ଛେପ ପକାଇ ଦେଇ ସ୍ଥାନାନ୍ତର ହୁଅନ୍ତି। ସେମାନେ ଯେପରି କଥାର 'ଛାଟ' ମାରିଦିଅନ୍ତି। ଏହି କଥା ପଦକ ଶ୍ରୋତାକୁ ବା ତା ଉଦ୍ଦେଶ୍ୟରେ କୁହାଯାଇ ତାହାକୁ ଆଘାତ ଦିଆଯାଇ ଥାଏ। ତେଣୁ ବୋଧହୁଏ ଏହାକୁ ଏପରି ନାମକରଣ କରାଯାଇଥିବାର ସାର୍ଥକତା ରହିଛି। ତେଣୁ ଏହାର ବିଶେଷ ସାହିତ୍ୟିକ ମୂଲ୍ୟ ନ ଥିଲେ ହେଁ ବ୍ୟାବହାରିକ ମୂଲ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ପଶ୍ଚିମ ଓଡ଼ିଶାର ଏହି ଛଟା ବା ଦାଏକା ଭାରତୀୟ ଅନ୍ୟାନ୍ୟ ଲୋକ ସାହିତ୍ୟ ପରି ବ୍ୟବହାରିକ ଜୀବନଧାରା ପ୍ରସୂତ। ଏଗୁଡ଼ିକ ସଂକ୍ଷିପ୍ତତା, ଗଦ୍ୟାତ୍ମକ ଓ ପଦ୍ୟାତ୍ମକ, ସମାସଧର୍ମୀ ଚିତ୍ରାତ୍ମକତା, ଉପଦେଶାତ୍ମକତା, ବ୍ୟଞ୍ଜନା ଓ ବିଦ୍ରୁପାତ୍ମକ ତଥା ସାମାଜିକ ଐତିହ୍ୟର ପରିବହନାଦି କେତେକ ବିଶିଷ୍ଟ ଗୁଣର ଅଧିକାରୀ ଅଟନ୍ତି। ତେଣୁ ଏଠାରେ କେତେକ ଛଟାକୁ ଉଦାହରଣ ସ୍ୱରୂପ ଭାବରେ ନିଆଯାଇଛି ଯଥା-

୧) "ଦୁଇ ମାଏଝିର୍ ଘାଏତା/ବାସି ଖାଏବୁ କି ତତଲା ଖାଏବୁ/ ବେଲ୍ ଥାଉନ୍ ଥାଉନ୍ କହିଥା"।

୨) "ବୁଢା ବେଲେ ମାଏଝି ଆନ୍ ଲେ ପରକେ/ ଗାଁ ବାହାରେ ଘର୍ ବନାଲେ ଚୋରକେ"।

ଉପରୋକ୍ତ ଛାଟ ଦ୍ୱୟରେ ଦୁଇପତ୍ନୀ ବିବାହିତ ସ୍ୱାମୀର ଦୁର୍ଦ୍ଦଶା ଓ ବାର୍ଦ୍ଧକ୍ୟ ସମୟରେ ବୃଦ୍ଧଟିଏ ବିବାହ କଲେ ତା ସ୍ତ୍ରୀର ପରପୁରୁଷ ସହ ପ୍ରୀତି ହେବା କଥାକୁ ଏଠାରେ ବ୍ୟଞ୍ଜନା ମାଧ୍ୟମରେ କୁହାଯାଇଛି।

ଛଟାର ସ୍ରଷ୍ଟା କୌଣସି ଏକ ବିଶିଷ୍ଟ ଭାବ ବା ଗୁଣକୁ ପ୍ରକାଶ କରିବା ପାଇଁ କେତେ ଗୁଡ଼ିଏ ସମଧର୍ମୀ ଚିତ୍ରର ସମାବେଶ ସୃଷ୍ଟି କରାଯାଇ ଥାଏ। ନିମ୍ନୋକ୍ତ ଉଦାହରଣରେ ଚାଷୀଟିଏ ନଷ୍ଟ ହେବା ଅର୍ଥକୁ ସତୀ, ସତିଆ ଓ ଚୋରର ସହ ଓ ବିବାହିତ ପୁରୁଷର ଦୋଷକୁ ପ୍ରକାଶ କରିବାଲାଗି ବାଟର ଦୋଷକୁ ଏଠାରେ ବର୍ଣ୍ଣନା କରାଯାଇଛି-

୩) "ଚଷା ନସେ ନିସତ୍ ହେଲେଁ/ସତୀ ନସେ ହଁସି ଥିଁ/ ଲାଗ୍-ଭାଗ୍ ଥି ସତିଆ ନସେ/ଚୋର୍ ନସେ ଖାସି ଥିଁ"।

୪) "ଚାଲି ନାଇଁ ଜାନି ବାଟର୍ ଦୋଷ୍/ ରଖି ନାଇଁ ଜାନି ମାଏଝିର୍ ଦୋଷ୍"।

ଗୃହପାଳିତ ପଶୁପକ୍ଷୀ ସମ୍ବନ୍ଧୀୟ ଅନେକ ଛଟା ରହିଛି ଯେଉଁଥିରେ ପଶୁ ପକ୍ଷୀର ଗୁଣଧର୍ମ ବର୍ଣ୍ଣନା କରାଯାଇଥାଏ। ଯଥା-

୫) "ଯେଭେଁ ଦେଖବୁ ସମ୍ବର କନା/ ହିଟେଇ ଦେବୁ ନାକର ଗୁନା"।

୬)"ଲୁଡ଼କି ସିଂଘି ଝାଟି ଲେଂଜି, ତେଲ୍ ଚିକିନିଆଁ ଚମ୍ ଏନ୍ତା ଗାଏ ନାଇଁ ଘିନି କରି, ହାଟୁଁ ଫିରେ ଅଧମ୍"।

ବିବିଧ ଜାତିର କର୍ମ ବିଷୟରେ ଅନ୍ୟ ଜାତିମାନଙ୍କର ପରିହାସାତ୍ମକ ତଥା ଟିପ୍ପଣୀ ମୂଳକ ଛଟା ପଶ୍ଚିମ ଓଡ଼ିଶାରେ ସୁପ୍ରଚଳ। ଏଥିରେ ବିଭିନ୍ନ ଜାତିର ଦୋଷ ଦୁର୍ବଳତାକୁ ପ୍ରକାଶ କରାଯାଇ ଥାଏ। ଯଥା-

୭) "ବାମହନ୍ ଚଷା, ବତର୍ ନସା"।

୮) "ଠକ୍ ସୁନାରି ଲୁହୁରା ବାସି/ ଭଁଡ଼ାରି ବଏଲା ର ଆଏସିଁ"।

ଏଠାରେ ଅର୍ଥାତ୍ ବ୍ରାହ୍ମଣର କୃଷିକାର୍ଯ୍ୟ ବିଷୟକ ଜ୍ଞାନ ସମ୍ପର୍କରେ ବ୍ୟଙ୍ଗ ଓ ସୁନାରୀ ଲୋକର ଠକକାମ ଓ ଲୁହୁରା କାମରେ ବିଳମ୍ବତାକୁ କୁହାଯାଇଛି।

ଏହା ବ୍ୟତୀତ ଅନେକ ବିଧବା ଓ ଛାଡ଼ପତ୍ର ପାଇ କର୍ମଶୂନ୍ୟ ଜୀବନ ଅତିବାହିତ କରୁଥିବା ଗ୍ରାମ୍ୟ ନାରୀମାନେ ନିଜର ଏକୁଟିଆପଣକୁ ପରିପୂର୍ତ୍ତି କରିବା ଉଦ୍ଦେଶ୍ୟରେ ଗ୍ରାମର ବିବିଧ ପରିବାରକୁ ଯାତାୟାତ ତଥା ଅଣଆନୁଷ୍ଠାନିକ ନାରୀ ସଭା ବା ଗୋଷ୍ଠୀ ନିର୍ମାଣରେ ଲାଗିଯାନ୍ତି। ତେବେ ଏହା ବେଳେ ବେଳେ ପାରିବାରିକ, ସାମାଜିକ ଜୀବନରେ ଅଶାନ୍ତିର ବୀଜ ବୁଣିବାର କାମ କରିଥାଏ। ଏମାନଙ୍କୁ ଲକ୍ଷ୍ୟ ଅନେକ ଛଟା ରହିଛି ଯଥା-

୯) "ଗଛ୍ ମଲ୍ ମଲ୍ ପିପଲ୍ ପତର୍/ ଝାର୍ ମଲ୍ ମଲ୍ ଟେଁଗଟା/ଗାଁ ମଲ୍ ମଲ୍ ରାଆଁଡ଼ି, ଛାଡ଼ରି/ପାଏନ୍ ମଲ୍ ମଲ୍ ଜରଡ଼ା"।

ଏହିପରି ଭାବରେ ଆହୁରି ଅନେକ ଛଟା ରହିଛି ଯାହା ବିଭିନ୍ନ ବିଷୟକୁ କେନ୍ଦ୍ରକରି ସୃଷ୍ଟି ହୋଇଛି। ଏହା ସମାଜକୁ କଳୁଷିତ ହେବାରୁ ରକ୍ଷା କରେ। ଏବଂ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ।

(ଖ )ରୂଢ଼ି – ଲୋକୋକ୍ତିର ଏକ ଅଭିନ୍ନ ଅଙ୍ଗ ହେଉଛି ରୂଢ଼ି। ଏହାର ବ୍ୟୁତ୍ପତ୍ତି ଗତ ଅର୍ଥ ହେଉଛି ଯାହା ରୂଢ଼ି ବା ପ୍ରସିଦ୍ଧିସମ୍ପନ୍ନ। ଅର୍ଥାତ କଥିତ ଲୋକ-ଭଙ୍ଗୀର ରୀତିସିଦ୍ଧ ଶବ୍ଦଚାତୁରୀ ବା ବାଗଧାରାର ଏକ ଅଂଶବିଶେଷ। ଏହାର ଇଂରାଜୀ ପ୍ରତିଶବ୍ଦ ହେଉଛି Idiom. ମୂଳ ଗ୍ରୀକ୍ ଶବ୍ଦ Idioma ବା Idiome ରୁ ଆସିଛି ଯାହାର ଅର୍ଥ ହେଉଛି ମୂଳ ଅର୍ଥ ଛଡ଼ା ଏକ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବଚନଭଙ୍ଗୀ। ରୂଢ଼ିର ଗଠନ ପଦ୍ଧତିରେ ବିଶେଷ୍ୟ, ବିଶେଷଣ ଓ କ୍ରିୟାପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଏହି ଦୃଷ୍ଟିରୁ ରୂଢ଼ିକୁ ତିନି ଭାଗରେ ଯଥା - କ୍ରିୟାଯୁକ୍ତ, କ୍ରିୟାହୀନ ଓ ତୁଳନାତ୍ମକ ଭାବରେ ବିଭାଗୀକରଣ କରାଯାଇପାରେ। ପୁଣି ରୂଢ଼ିର ପରିସର ଢଗଢମାଳିର ପରିସର ଅପେକ୍ଷା କ୍ଷୁଦ୍ର। ଢଗଢମାଳି ସ୍ୱତନ୍ତ୍ର ରୂପରେ ବ୍ୟବହାର ହୋଇ ଅର୍ଥ ପ୍ରକାଶ କରୁଥିବା ବେଳେ,ରୂଢ଼ି କ୍ଷେତ୍ରରେ ଏପରି ହୋଇ ନଥାଏ। ଏହା ବାକ୍ୟର ଏକ ଅଂଶ ହୋଇଥିବାରୁ ନିର୍ଦ୍ଦିଷ୍ଟ ଏକ ବାକ୍ୟ ମାଧ୍ୟମରେ ହିଁ ଅର୍ଥ ପ୍ରକାଶ କରିଥାଏ। ଏହା କେବଳ ଗାଦ୍ୟାତ୍ମକ ଅଟେ। ପଶ୍ଚିମ ଓଡ଼ିଶାର କଥିତ ଭାଷାରେ କେତେକ ସ୍ଥାନରେ

ଏହାର ବ୍ୟବହାର ଦେଖିବାକୁ ମିଳିଥାଏ। ଯଥା-

୧) "ଟେଁକର୍ ଗିଜା" – ଏଠାରେ 'ଟେଁକର୍' ଶବ୍ଦର ଅର୍ଥ ହେଉଛି 'ବିରୁଡ଼ି'। ଛୋଟ ମୋଟ କଥାରେ ଶୀଘ୍ର ରାଗି ଯାଉଥିବା ବଦରାଗି, ଚିଡ଼ିଚିଡ଼ା ପ୍ରକୃତିର ଲୋକଙ୍କୁ ବିରୁଡ଼ି ସହିତ ତୁଳନା କରି ଏମିତି କୁହାଯାଏ। ଯଥା- ଏଡକି ଟେଁକର୍ ଗିଜାଟେ ଯେ କଥା ପଦେ ଭି ନାଇଁ କହି ହେବାର୍।

୨) "ପଦମ୍ ଖୁଜାବା" – ଅର୍ଥାତ୍ ଅର୍ଥ ପ୍ରାପ୍ତି ପାଇଁ ବିଶ୍ୱାସ କରାଯିବା ଅର୍ଥରେ ବ୍ୟବହୃତ ହୁଏ।

୩ ) "ଗଁଠ୍ ଲାଯୁରା" – ଏହାର ଅର୍ଥ ବିବାହ ସମୟରେ ବା କୌଣସି ସାମାଜିକ ଶୁଭାନୁଷ୍ଠାନରେ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ଧୋତି ଓ ଶାଢୀର କାନି ବା ନିମ୍ନାଂଶକଉ ଗଣ୍ଠିଦ୍ୱାରା ଆବଦ୍ଧ କରି ଉଭୟଙ୍କୁ ଏକ କରି ଦିଆଯାଏ। କାରଣ ସ୍ୱାମୀ-ସ୍ତ୍ରୀ ଗଁଠ୍ ଲାଯୁରା ନ ହେଲେ କୌଣସି ପ୍ରକାର ବିବାହାଦି ଯାଜ୍ଞାନୁଷ୍ଠାନର ସଂକଳ୍ପ କରାଯାଏ ନାହିଁ। କାରଣ ସ୍ୱାମୀ-ସ୍ତ୍ରୀ, ପୁରୁଷ-ପ୍ରକୃତି; ଏକଆତ୍ମା ଭିନ୍ନ ଶରୀର ରୂପେ ଗ୍ରହଣ କାରାଯାଏ।

ପୁଣି ବାଚ୍ୟାର୍ଥ ଅପେକ୍ଷା ଲକ୍ଷ୍ୟାର୍ଥଦ୍ୱାରା ରୂଢ଼ି ପ୍ରୟୋଗର ବାଞ୍ଛିତ ଅର୍ଥ ପ୍ରକାଶ ପାଇବା ହେଉଛି ଏହାର ଆଉ ଏକ ବୈଶିଷ୍ଟ୍ୟ। ଯଥା-

୪) "ଘୁମ୍ ରି ଖୁଁଟି ଘା" – ଏହାର ଅଭିଧେୟାର୍ଥ ହେଲା ଘିମିରିକୁ କୁଣ୍ଡାଇ କୁଣ୍ଡାଇ ଶେଷରେ ଘାରେ ପରିଣତ କରିବା। ମାତ୍ର ଏହାର ଲାକ୍ଷାର୍ଥ ହେଉଛି ଛୋଟ କଥାକୁ ବଢାଇ କହିବା ବା ସାମାନ୍ୟ କଥାରୁ ଖିଅ ବାହାର କରି ବଡ଼ ଧରଣର ଗୋଳମାଳ କରିବା।

ଏହା ବ୍ୟତୀତ କଳିକଜିଆ ସମୟରେ ଉଭୟ ପକ୍ଷର ଦୋଷ ଦୁର୍ବଳତାକୁ ପ୍ରକାଶ କରିବାକୁ 'ଉଘାଡୁଲା' ଓ ଦୁଇଜଣ ମିଶି ତୃତୀୟ ବ୍ୟକ୍ତିର ଅନୁପସ୍ଥିତିରେ ତା'ର ସମାଲୋଚନା ବା ଚୁଗୁଲି କରିବାକୁ 'ଚୁପୁରା କୁଟା' କୁହାଯାଇଥାଏ। ଏହିପରି ଭାବରେ ଅନେକ ରୂଢ଼ି ରହିଛି। ଏଗୁଡ଼ିକ ଆକାରରେ କ୍ଷୁଦ୍ର ହେଲେ ସୁଦ୍ଧା ଏ ଧରଣର ବାକ୍ୟାଂଶ ଗୁଡ଼ିକ ସାଧାରଣ ଲୋକର ଅର୍ଥନୈତିକ ଚିନ୍ତାଧାରା, ସାମାଜିକ ଚଳଣି, ସଂସ୍କୃତି, ପରମ୍ପରା ଇତ୍ୟାଦି ଜନଜୀବନର ପ୍ରତିଛବି ସଙ୍କୁଚିତ ଭାବେ ଚିତ୍ରିତ ହୋଇଥାଏ।

(ଗ) ପ୍ରବାଦ ଓ ପ୍ରବଚନ – ଲୋକ ସାହିତ୍ୟର ଏକ ଆକର୍ଷଣୀୟ ଦିଗ ହେଉଛି ପ୍ରବାଦ ଓ ପ୍ରବଚନ। ଏହି ଉଭୟ ଅନେକ କ୍ଷେତ୍ରରେ ସମାନ ବୋଲି ମନେ ହେଉଥିଲେ ମଧ ସେମାନଙ୍କ ଭିତରେ ସୂକ୍ଷ୍ମ ପାର୍ଥକ୍ୟ ରହିଛି। ଡ଼ ଶ୍ୟାମସୁନ୍ଦର ମହାପାତ୍ର ଉଭୟ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇ କହିଛନ୍ତି- "ଲୋକ ସମାଜରେ ପ୍ରବାଦ ଓ ପ୍ରବଚନରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ଗୁରୁତ୍ୱ ଦିଆଯାଏ ନାହିଁ। ସମ୍ଭବତଃ ପ୍ରବଚନ 'ପ୍ରବାଦ-ପ୍ରବଚନ'ର ସଂକ୍ଷିପ୍ତ ରୂପ। ଉଭୟର ଆକ୍ଷରିକ ଅର୍ଥ ମଧ ସମାନ। ଏଣୁ ସାଧାରଣ ଆଲୋଚନା କ୍ଷେତ୍ରରେ ଏ ଦୁଇ ଶବ୍ଦକୁ ସମାର୍ଥ ଭାବରେ ଗ୍ରହଣ କରାଯାଇପାରେ"(ଲୋକସାହିତ୍ୟ ତତ୍ତ୍ୱ- ଡ଼ ଶ୍ୟାମସୁନ୍ଦର ମହାପାତ୍ର,୧୯୯୫, ପୃ-୧୯୫୫)। ଏଣୁ ଏହାର ବ୍ୟୁତ୍ପତ୍ତିଗତ ଦୃଷ୍ଟିରୁ 'ବଦ୍' ଧାତୁ ନିଷ୍ପନ୍ନ 'ବାଦ' ଶବ୍ଦ ପୂର୍ବରୁ 'ପ୍ର' ଉପସର୍ଗ ଯୋଡ଼ି ହୋଇ 'ପ୍ରବାଦ' ହେଉଥିବା ବେଳେ, 'ବଚ୍' ଧାତୁ ନିଷ୍ପନ୍ନ 'ବଚନ' ଶବ୍ଦ ପୂର୍ବରୁ 'ପ୍ର' ପୂର୍ବସର୍ଗ ଯୋଗହୋଇ 'ପ୍ରବଚନ' ଶବ୍ଦ ହୋଇଥାଏ। ଉଭୟ 'ବଦ୍' ଓ 'ବଚ୍' ଧାତୁର ଅର୍ଥ କହିବା। ଏ ଉଭୟରେ ବ୍ୟୁତ୍ପତ୍ତିଗତ ଅର୍ଥର ପ୍ରଭେଦ ନଥିଲେ ହେଁ, ରୂପଗତ ଦୃଷ୍ଟିରୁ ପାର୍ଥକ୍ୟ ରହିଛି। ପ୍ରଥମେ 'ପ୍ରବାଦ' ସମ୍ପର୍କରେ ଆଲୋଚନା କରାଯାଇ ପାରେ-

ପ୍ର(ଉପସର୍ଗ)+ବଦ୍(ଧାତୁ)+ଅ(ପ୍ରତ୍ୟୟ)ରେ 'ପ୍ରବାଦ' ଶବ୍ଦ ସୃଷ୍ଟି ହୋଇଥାଏ। ଯାହାର ଅର୍ଥ 'ପ୍ରକୃଷ୍ଟ ବାଦ'। ଅର୍ଥାତ୍ ଯାହା ପ୍ରକୃତ ପ୍ରଧାନ କଥା। ଏହାର ଇଂରାଜୀ ପ୍ରତିଶବ୍ଦ ରୂପେ 'Adage' କୁ ସାଧାରଣତଃ ଗ୍ରହଣ କରାଯାଇଥାଏ। ଏହା ଗ୍ରୀକ୍ ଶବ୍ଦ Adagium ଶବ୍ଦରୁ ସୃଷ୍ଟି ଯାହାର ଅର୍ଥ ନୀତିବାକ୍ୟ,ଲୋକମତ। ଦୀର୍ଘଦିନର ଅଭିଜ୍ଞତାର ସଂକ୍ଷିପ୍ତ ବାଂଗମୟ ପରିପ୍ରକାଶ ହେଉଛି ପ୍ରବାଦ। ତେଣୁ ଏହା ସବୁ କ୍ଷେତ୍ରରେ କାମ ଦେଇନଥାଏ। କେତେବେଳେ ଏହା ମଣିଷକୁ ସତର୍କ କରାଇଥାଏ ତ ପୁଣି କେତେବେଳେ ଉପଦେଶ ପ୍ରଦାନ କରିଥାଏ। ପୁଣି ପ୍ରବାଦ ବ୍ୟଞ୍ଜନା ଉପରେ ଗୁରୁତ୍ୱ ଦେଉଥିବାବେଳେ ପ୍ରବଚନ ବାଚ୍ୟାର୍ଥ ଉପରେ ଗୁରୁତ୍ୱ ଦେଇଥାଏ। ଜନ୍ମ ସମୟର ଅର୍ଥକୁ ତ୍ୟାଗ କରି ପ୍ରବାଦ ତାର ବ୍ୟଞ୍ଜନାର୍ଥକୁ ପରବର୍ତ୍ତୀ କାଳରେ ଆଦରି ନେଇଥାଏ। ଏହାର ରୂପକ ଧର୍ମୀ ବୈଶିଷ୍ଟ ରହିଛି। ଏଣୁ ଏହା ଏକ ସଂହତ ବାକ୍ୟ। ଏହା ଆଲୋଚନା ବେଳେ, ବକ୍ତୃତା ଦେଲାବେଳେ, ରଚନାରେ, ସଂଳାପ କହିଲାବେଳେ ଉଚ୍ଚାରିତ ହୋଇଥାଏ। ଏହା ବକ୍ତବ୍ୟକୁ ଅଧିକ ଅର୍ଥବହ ଓ ଆଳଙ୍କାରିକ କରି ଗଢି ତୋଳିଥାଏ। ତେଣୁ ପ୍ରବାଦ ସମ୍ପର୍କରେ ଗବେଷକ କୁଞ୍ଜବିହାରୀ ଦାଶ କୁହନ୍ତି- "ଏହାର ଅର୍ଥ ଜନଶ୍ରୁତି, କିମ୍ବଦନ୍ତୀ ବା କଥା ସମ୍ବଳିତ ଉକ୍ତି" (ଓଡିଆ ଢଗଢମାଳି ସଞ୍ଚୟନ : ଏକ ଅଧ୍ୟୟନ – ଲୋକବାଣୀ ସଞ୍ଚୟନ-(୧ମ ଭାଗ)୧୯୭୩, ପୃ: ୧୮)। ସାଧାରଣତଃ ଅତୀତର କୌଣସି ଐତିହାସିକ, ପୌରାଣିକ ବା ଲୌକିକ ଘଟଣାର ସତ୍ୟାସତ୍ୟ ଉପରେ ଆଧାରିତ ଏକ କିମ୍ବଦନ୍ତୀ ବା ସତ୍ୟ ଘଟଣାରୁ ପ୍ରବାଦର ଉତ୍ପତ୍ତି ହୋଇଥାଏ। ଅତଏବ ଏହାର ଏକ ଗଳ୍ପଭାଗ ଥାଏ ଯାହାର ସମ୍ବନ୍ଧ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ରହିଥାଏ। ଯଥା- "ଅଇଲା କଳା ପାହାଡ଼/ ଭାଙ୍ଗିଲା ଲୁହାର ବାଡ଼/ ପିଇଲା ମହାନଦୀ ପାଣି / ସୁବର୍ଣ୍ଣ ଥାଳିରେ ହେଡ଼ା(ହୀରା) ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ" ବା "ଭଲା ରାମଚଣ୍ଡୀ ଭଲାରେ, କଳାପାହାଡ଼କୁ ଦେଉଳେ ବସାଇ ଭଲା ପାଣି ଆଣି ଗଲାରେ" କିମ୍ବା "ବାରଣ' ବଢେଇରେ ଦାୟ କି ପୁଅରେ ଦାୟ" ଇତ୍ୟାଦି ହେଉଛି ଓଡିଆ ପ୍ରବାଦ। ମାତ୍ର ପଶ୍ଚିମ ଓଡ଼ିଶାରେ ବିଶେଷ ରୂପେ ପ୍ରବାଦର ପପ୍ରଚଳନ ଦେଖିବାକୁ ମିଳେ ନାହିଁ। କ୍ୱଚିତ୍ କେମିତି ହାତ ଗଣତି ଦେଖିବାକୁ ମିଳିଥାଏ। ଯଥା-

୧) "ଦାଁତରୀ ମାଏଝି ଘରଙ୍କ ଶିରୀ, ଚୋର୍ ପଲାଲା ଦାଁତ୍ କେ ଡ଼ରି"।

୨) "ଝାର୍ ନଏଲ୍ ତା ବଜରମୂଲୀ, ପୁତୁରାର୍ କନିଆଁ

ଦଦାର୍ ଶାଳୀ"।

ଉପରୋକ୍ତ ଉଦାହରଣ ଦ୍ୱୟରେ ଅଲୌକିକ ସତ୍ୟ ଘଟଣା ଉପରେ ଆଧାରିତ ହେଲେ ମଧ୍ୟ ଏହା ଗୋଟିଏ ଗୋଟିଏ ପ୍ରବାଦ ଅଟେ।

ପ୍ର+ବଚନ- 'ପ୍ରବଚନ' ଶବ୍ଦ ସୃଷ୍ଟି ହୋଇଥାଏ। ଯାହାର ଅର୍ଥ ହେଉଛି ଉତ୍କୃଷ୍ଟ ବଚନ। ରୂଢ଼ି ସହିତ ପ୍ରବଚନର ସାମଞ୍ଜସ୍ୟତା ଥିବାରୁ ଏହାକୁ ମଧ୍ୟ ଇଂରାଜୀରେ 'Proverb' କୁହାଯାଇଥାଏ। ଏହା ସାଧାରଣତଃ ଉପଦେଶାତ୍ମକ, ସମାଜ, ସଂସ୍କୃତି, ଜ୍ଞାନ ବିଜ୍ଞାନ ତଥା ଶିକ୍ଷାମୂଳକ ହୋଇଥାଏ। ପ୍ରବଚନ ଦୁଇ ବା ଚାରି ଚରଣ ମଧ୍ୟ ହୋଇପାରେ। ଏଥିରେ ଜାତିର ଦୈନନ୍ଦିନ ଜୀବନ ନିର୍ବାହର ଚିତ୍ର ଏକ ବା ଏକାଧିକ ବାକ୍ୟରେ ସଂହାତ ରୂପେ ପ୍ରକାଶିତ ହୋଇଥାଏ। ସାଧାରଣତଃ ଏହା ବାଚ୍ୟ ନିର୍ଦ୍ଧାରିତ। ପ୍ରତୀକ, ରୂପକ, ଚିତ୍ରକଳ୍ପର ସ୍ଥାନ ନାହିଁ ଏଥିରେ। ଏହା ବିଚିତ୍ର ଅର୍ଥ ବହନର କ୍ଷମତା ରହିଥାଏ। ଏହା ଗଦ୍ୟ କିମ୍ବା ଅନ୍ତ୍ୟମିଳନଯୁକ୍ତ ଛାନ୍ଦୋବଦ୍ଧ ପଦ୍ୟରେ ରଚିତ ହୋଇଥାଏ। ପ୍ରବଚନ ମଧ୍ୟ ପ୍ରବାଦଠାରୁ ଆକାରରେ ବଡ଼। ଏହା ଶବ୍ଦତତ୍ତ୍ୱ ଏବଂ ବାକ୍ୟତତ୍ତ୍ୱ ଅନୁସରଣରେ ଗଠିତ ହୋଇଥାଏ। ପ୍ରବଚନରେ ସ୍ୱାଧୀନତା ଥିବା ସହ ରସ, ଆନନ୍ଦ ତଥା ଆବେଗ ରହିଥାଏ। ବକ୍ତବ୍ୟକୁ ସରସ ସୁନ୍ଦର ଭାବେ ଉପସ୍ଥାପିତ କାରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁଣି ବହୁ ବିଷୟକଉ କେନ୍ଦ୍ରକରି ପ୍ରବଚନ ଗଢ଼ି ଉଠିଛି। ଜ୍ଞାନ, ନୀତି-ଉପଦେଶମୂଳକ ପ୍ରବଚନରେ ବହୁ ମୂଲ୍ୟବାନ ପରମାର୍ଶ ରହିଛି। ଏଗୁଡ଼ିକ ନୈତିକ ଜ୍ଞାନ ବୃଦ୍ଧି କରିଥାଏ। ସ୍ୱାସ୍ଥ୍ୟ ଚିକିତ୍ସା ବିଷୟକ ପ୍ରବଚନରେ ଉତ୍ତମ ଓ କ୍ଷତିକାରକ ଖାଦ୍ୟର ବିବରଣୀ ରହିଛି। କୃଷି ସମ୍ବନ୍ଧୀୟ ପ୍ରବଚନରେ କୃଷି କାର୍ଯ୍ୟ ବିଷୟକ ପରାମର୍ଶ ରହିଛି। ପରିବେଶାତ୍ମକ ପ୍ରବଚନରେ ପରିବେଶର ଉନ୍ନତି ଏବଂ ଯତ୍ନ ପାଇଁ ନୀତି ରହିଛି। ପେଶା, ଜାତି ବର୍ଣ୍ଣକୁ ନେଇ ନାନା ପ୍ରକାରର ପ୍ରବଚନ ଗଢ଼ି ଉଠିଛି। ସମାଜର ନାନା ସ୍ତରର ନରନାରୀଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରବଚନ ସୃଷ୍ଟି ହୋଇଛି। ଏଥିରେ ଭଲ ଅପେକ୍ଷା ମନ୍ଦ ପ୍ରତି ଅଧିକାଂଶ କ୍ଷେତ୍ରରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ତେଣୁ ଏହି ଦୃଷ୍ଟିରୁ ଦେଖିଲେ ପ୍ରବଚନକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇ ପାରେ ଯଥା- କୃଷି ସମ୍ପର୍କୀୟ, ଭାବ ଓ ବିଷୟ ଭିତ୍ତିକ, ଉପଦେଶାତ୍ମକ, ଜ୍ଞାନଗର୍ଭିତ ବ ଶିକ୍ଷାମୂଳକ, ସ୍ୱାସ୍ଥ୍ୟ ସମ୍ପର୍କୀୟ, ଖାଦ୍ୟବସ୍ତ୍ର ସମ୍ବନ୍ଧୀୟ, ସାମାଜିକ ନରନାରୀ ସମ୍ପର୍କୀୟ ଇତ୍ୟାଦି। ଏଥିରେ ମଣିଷ ସମାଜର ପ୍ରାୟତଃ ଦିଗ ଚିତ୍ରିତ ହୋଇଥାଏ। ପଶ୍ଚିମ ଓଡ଼ିଶାର ଲୋକ କଥିତ ଭାଷାରେ ଅନେକ ପ୍ରବଚନ ରହିଛି। ଯାହାକୁ ଜନସାଧାରଣ ନିଜ ଦୈନନ୍ଦିନ ଜୀବନରେ ବିଭିନ୍ନ ଉଦ୍ଦେଶ୍ୟରେ ପ୍ରୟୋଗ କରିଥାନ୍ତି। ଯଥା-

୧) "ଘର୍ ବଲୁଛେ ଯା, ଘାଟ୍ ବଲୁଛେ ଆ"।

ଅର୍ଥାତ୍ ସାଧାରଣତଃ ମନୁଷ୍ୟର ଶେଷ ଅବସ୍ଥାରେ ଏହା କୁହାଯାଇଥାଏ। ଯେତେବେଳେ ବାର୍ଦ୍ଧକ୍ୟ ମଣିଷର କୌଣସି ଆବଶ୍ୟକତା ଅନ୍ୟ କେହି ଉପଲବ୍ଧି କରନ୍ତି ନାହିଁ। କେବଳ ଶ୍ମଶାନ ଘାଟ ହିଁ ତାହାକୁ ଆଦରରେ ଡାକି ଆଶ୍ରୟ ଦିଏ।

୨) "ଝାର୍ କେ ନାଇଁ ବଲ୍ ବ ପଦା, ପୁଲିସ୍ କେ ନାଇଁ ବଲ୍ ବ ଦଦା"।

ବଣକୁ ପଦା ବୋଲି ଭାବି ଯେପରି ନିଶ୍ଚିନ୍ତ ହେବା ଉଚିତ ନୁହେଁ ସେହିପରି ପୋଲିସକୁ ନିଜ ସମ୍ବନ୍ଧୀୟ ବୋଲି ଭାବି ମଧ୍ୟ ନିଶ୍ଚିନ୍ତ ହେବା ଉଚିତ୍ ନୁହେଁ।

୩) "ତାଲ୍ ତଲେଁ କାଲ୍" - ଅର୍ଥାତ୍ ତାଳ ଗଛ ତଳେ ବସା ବାନ୍ଧିଲେ କେଉଁ ଅନିଶ୍ଚିତ ମୁହୂର୍ତ୍ତରେ ଯେ ମୃତ୍ୟୁ ଘଟିବ ତା' କହିହେବା ନାହିଁ। ଏଠାରେ ବିପଦପୂର୍ଣ୍ଣ ସ୍ଥାନକୁ 'ତାଳତଳ' ବୋଲି କୁହାଯାଇଛି।

୪) "ତୋର୍ ଧାନ୍ କେ ତୋର୍ ମୁରହି, ଦେ କେଉଁଟେନ୍ ଭୁଷ୍ କରି"।

ଏଠାରେ କେଉଁଟୁଣୀର ଧାନରେ କେଉଁଟୁଣୀର ମୁଢ଼ି କିଣିବା କଥା କୁହାଯାଇଛି। ଯାହାର ଅର୍ଥ କୌଣସି କ୍ଷତି ନ ଥାଇ କୌଣସି ଜିନିଷ ଲାଭ ହେଲେ ଏମିତି କୁହାଯାଏ।

୫) "ଘର୍ କେ ସୁନ୍ଦର ପିଁଢ଼ା, ବୁଢ଼ୀ କେ ସୁନ୍ଦର ବୁଢ଼ା/ ଧାଙ୍ଗରା କେ ସୁନ୍ଦର୍ ଧାଙ୍ଗିରି, ବୁଟି କେ ସୁନ୍ଦର୍ ବାଙ୍ଗିରୀ"।

୬) "ପାଁଡ଼ବର୍ କାଏଁ ହଲ୍ ଧାନ୍, ପାଁଡ଼ବ ବୁଲେ ଗାଁ ଗାଁ"। – ଅର୍ଥାତ୍ ଯାହାର ଗାଈ ଗୋରୁ ହଳ, ବଳଦ, ଧାନ କିଛି ନାହିଁ ତାର ଆଉ ଅନ୍ନ ସଂସ୍ଥାନ ପାଇଁ ଅନାବଶ୍ୟକ ଚିନ୍ତା କରିବାକୁ ପଡ଼େ ନାହିଁ। ମୋଟମୋଟି ଭାବରେ କହିବାକୁ ଗଲେ ଯାହାର କିଛି ନାହିଁ ତାର କୌଣସିଥିରେ ଚିନ୍ତା ନଥାଏ।

୭) "କିଏ ଧାଇଁ ଧୁପି ବାର ତ କିଏ ବସିଥେଇ ତେର"।- ଅର୍ଥାତ୍ ବିନା ପରିଶ୍ରମରେ ଲାଭ ମାରିନେବା ଏବଂ ପରିଶ୍ରମ କରି ମଧ୍ୟ ଆଶାନୁରୂପ ନ ପାଇବାକୁ ଏହା କୁହାଯାଇଥାଏ।

୮) "କରମ୍ ଜାନିଁ କରମଙ୍ଗା ଫଲେଁ, ଲାଉଁ ଲଗାଲେଁ ତୁଡ୍ କା ଫଲେଁ"।- ଏହାର ଅର୍ଥ ହେଲା କର୍ମ ଦଶା ଭଲଥିଲେ ଅସମ୍ଭବ କାର୍ଯ୍ୟ ମଧ୍ୟ ସାଧନା ହୁଏ ମାତ୍ର ଦଶା ଭଲ ନଥିଲେ ଉତ୍ତମ କାର୍ଯ୍ୟ କରି ମଧ୍ୟ ମନ୍ଦ ଫଳ ମିଳିଥାଏ।

ଏହା ବ୍ୟତୀତ ଆହୁରି ଅନେକ ପ୍ରବଚନ ରହିଛି ଯାହା ପଶ୍ଚିମ ଓଡ଼ିଶାର କଥିତ ଭାଷାରେ ନୀତିଦିନିଆ ଜୀବନରେ ବ୍ୟବହୃତ।

(ଘ) ପ୍ରହେଳିକା / ନାଁ ଦିଆ/ ବଖାନି (ପହଳି /ଧନ୍ଦା/ ଭକାନୀ) – ପହଳି/ ନାଁ ଦିଆ/ ବଖାନି ହେଉଛି ଲୋକ ସାହିତ୍ୟର ଏକ ଉତ୍କୃଷ୍ଟ ଦିଗ। ସଂସ୍କୃତରେ ଏହାକୁ 'ପ୍ରହେଳିକା', ହିନ୍ଦୀରେ 'ପହେଲା', ବଙ୍ଗଳାରେ 'ଧାଁ ଧାଁ', ଓଡ଼ିଆରେ 'ନାଁ ଦିଆ', ପଶ୍ଚିମ ଓଡ଼ିଶାର କଥିତ ଭାଷାରେ 'ବଖାନି'(ଭକାନୀ) ଏବଂ ଇଂରାଜୀରେ 'Riddle' ଆଦି ଶବ୍ଦ କୁହାଯାଇଥାଏ। 'ନଇକେ ବାଙ୍କ୍, ଦେଶକେ ଫାଙ୍କ୍' ନ୍ୟାୟରେ ସ୍ଥଳ ଭେଦରେ ଏହା ବିଭିନ୍ନ ନାମରେ ପରିଚିତ। ଅବଶ୍ୟ ପଶ୍ଚିମ ଓଡ଼ିଶାର ସର୍ବତ୍ର ଏହାକୁ 'ବଖାନି' କହନ୍ତି ନାହିଁ। ବିଭିନ୍ନ ସ୍ଥାନରେ ଏହା ବିଭିନ୍ନ ନାମରେ ପରିଚିତ। ସମ୍ବଲପୁର, ବରଗଡ଼, ବରପାଲି ଇତ୍ୟାଦି ଅଞ୍ଚଳରେ

ଏହାକୁ 'ଧନ୍ଦା'; ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସୋନପୁର ଓ ବୌଦ୍ଧ ଜିଲ୍ଲାର କିଛି ଅଞ୍ଚଳରେ 'ବଖାନି ବା ଭେକାନି' ନାମରେ ପରିଚିତ। ପ୍ରଶ୍ନ ମାଧ୍ୟମରେ ଶ୍ରୋତାର ମନକୁ ଧନ୍ଦି ଦେଉଥିବା ବା ଉତ୍ତର ଖୋଜିବାକୁ ଧନ୍ଦି ହେଉଥିବାରୁ ବୋଧହୁଏ ଏହାର ନାମ 'ଧନ୍ଦା'। 'ଭକାନୀ' ଶବ୍ଦ 'ଭକୁଆ' ବା 'ବୋକା' ସହିତ ସମ୍ପର୍କିତ। ଯେଉଁ ପ୍ରଶ୍ନ ଶୁଣି ଭକୁଆ ସଦୃଶ ହୋଇଯାଏ। ତାକୁ ସାଧାରଣତଃ ସମ୍ବଲପୁରୀ ଲୋକ ସାହିତ୍ୟରେ 'ଭକାନୀ' ବୋଲି କୁହାଯାଇଥାଏ। ଏହା କିଶୋର-କିଶୋରୀମାନଙ୍କ ପ୍ରଶ୍ନୋତ୍ତର ଶୈଳୀରେ ପ୍ରକାଶ କରାଯାଉଥିବାରୁ ଏଥିରୁ ବୁଦ୍ଧିମତ୍ତାର ପରିଚୟ ମିଳିଥାଏ। ବଖାନିର ଉଦ୍ଦେଶ୍ୟ ସାମଜକ ମନୋରଂଜନ ସକାଶେ କୌତୁହଳୋଦ୍ଦୀପକ ପ୍ରଶ୍ନ ବିଧାନ କରିବା। ଏ ସମ୍ପର୍କରେ ଡ଼ କୁଞ୍ଜ ବିହାରୀ ଦାଶଙ୍କ ମତ ପ୍ରଣିଧାନ ଯୋଗ୍ୟ- "ନାଁ ଦିଆ ହେଉଛି ଏକ ବୁଦ୍ଧି ପରୀକ୍ଷା ଜନିତ ମନୋରଂଜନର ଉପାଦେୟ ଲୋକ ସାହିତ୍ୟ ବିଭବ। ଶବ୍ଦର ବାସ୍ତବିକ ଅର୍ଥ ଅପେକ୍ଷା ଅର୍ଥାନ୍ତର ଅଭିବ୍ୟକ୍ତିରେ ହିଁ ନାଁ ଦିଆର ପ୍ରକୃତ ମର୍ମ ପ୍ରକାଶ ପାଇଥାଏ। × × × × × ନାଁ ଦିଆ ଏକ ପ୍ରଶ୍ନ। ଏ ପ୍ରଶ୍ନ ନିର୍ମାଣରେ ଲୋକକବି ସମସ୍ତ କାବ୍ୟ କୌଶଳ ଖଟାଇଛି। ଏହାର ଉତ୍ତର ନିତାନ୍ତ ସଂକ୍ଷିପ୍ତ, ଗୋଟିଏ ବା ଦୁଇଟି ଶବ୍ଦ ମଧ୍ୟରେ ସୀମିତ" (ଓଡିଆ ଲୋକ ଗୀତ ଓ ଲୋକ କାହାଣୀ – କୁଞ୍ଜବିହାରୀ ଦାଶ, ପୃ: ୨୪୩)। ଢଗର ଉଦ୍ଦେଶ୍ୟ ମୁଖ୍ୟତଃ ସାମାଜିକ ଶିକ୍ଷାଦାନ ଦେବା ବେଳେ ବଖାନିର ଉଦ୍ଦେଶ୍ୟ ସାମାଜିକ ମନୋରଂଜନ କରିବା। ଏଥିରେ ଅପ୍ରକୃତ ବସ୍ତୁର ବର୍ଣ୍ଣନାଦ୍ୱାରା ପ୍ରକୃତ ବସ୍ତୁର ଗୋପନୀୟତା ରକ୍ଷା କରାଯାଇଥାଏ। ଏବଂ ଗୋଟିଏ କ୍ଷୁଦ୍ର ବସ୍ତୁର ଉତ୍ତର ନିମିତ୍ତ ଗୁଡ଼ାଏ ଶବ୍ଦ ଆବଶ୍ୟକ ହୋଇଥାଏ। ମାତ୍ର ଢଗରେ ଅଳ୍ପ ଶବ୍ଦରେ ଗମ୍ଭୀର ଭାବ ପ୍ରକାଶ ପାଇଥାଏ। ବଖାନିର ସ୍ୱରୂପ ମଧ୍ୟ ବିଚିତ୍ର। ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗଗୁଡ଼ିକର କେତେକ ଗୁଣ ଧର୍ମ ବଖାନିରେ ମଧ୍ୟ ଲକ୍ଷ୍ୟ କରାଯାଇଥାଏ। ଲୋକଗୀତର କାବ୍ୟିକଗୁଣ, ଲୋକକଥାର ବର୍ଣ୍ଣନାଶୈଳୀ ତଥା ଲୋକନାଟକର ନାଟକୀୟ ଉତ୍କଣ୍ଠା ବଖାନିଗୁଡ଼ିକର ଉତ୍ତର ପ୍ରକାଶ ସମୟରେ ଉପଲବ୍ଧ ହୁଏ। ଏହା କୌଣସି ନିର୍ଦ୍ଦିଷ୍ଟ ପରିସ୍ଥିତି, ସମୟ ଏବଂ ବ୍ୟକ୍ତିବିଶେଷର ଆବଶ୍ୟକ ହୁଏ ନାହିଁ, ବରଂ ଯେ କୌଣସି ସ୍ଥଳରେ ଏବଂ ଯେ କୌଣସି ବ୍ୟକ୍ତି ବିଶେଷଙ୍କଦ୍ୱାରା ଏହା ଆତ୍ମପ୍ରକାଶ କରି ବେଶ୍ ଉପଭୋଗ୍ୟ ହୋଇଥାଏ।

ବଖାନି ଜଣଙ୍କ ଦ୍ୱାରା ସମାହିତ ହୋଇପାରେ ନାହିଁ। କାରଣ ଏଥିରେ ଉଭୟ ବକ୍ତା ଓ ଶ୍ରୋତା ସକ୍ରିୟ ରୂପେ ଜଡ଼ିତ ଥାଆନ୍ତି। ତେଣୁ ଜଣଙ୍କର ପ୍ରଶ୍ନରେ ଉତ୍ତର ଦେବା ପାଇଁ ଅନ୍ୟ ଜଣେ ବା ଏକାଧିକ ବ୍ୟକ୍ତିଙ୍କ ଆବଶ୍ୟକତା ନିହାତି ଅପରିହାର୍ଯ୍ୟ; ଯେହେତୁ ଉତ୍ତର ଦେଲା ପରେ ଯାଇ ବଖାନିର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ। ପଶ୍ଚିମ ଓଡ଼ିଶାରେ ଏମିତି ଅନେକ ବଖାନି(ଭେକାନୀ/ ଧନ୍ଦା) ରହିଛି। ଯଥା-

୧) "ଘିଡ୍ ଘିଡ୍ କରେ ଚଡ୍ ଚଡ୍ କରେ/ ପଁର୍ ରା ପଖନ୍ ଉପ୍ କି ପଡ଼େ"। – (ଛତୁ)

୨) "ସମ୍ବଲପୁରର୍ କଲ୍ ସୀ କେରା କେରା ଫଲ୍ ସି/ ଲାଲ୍ ଲାଲ୍ ଦିଶ୍ ସି ମଧୁର୍ ମଧୁର୍ ଲାଗ୍ ସି"। – (ଖଜୁରୀ)

୩) "ଟେଂଗ୍ ଟୋ ବାଙ୍ଗ ଟୋ କାଠ୍ ଖଁଡ଼େ/ ଛିଇଁ ଦେଲେ ବୁଢା ନାଟ୍ କରେ"। – (ବିଛା)

୪) "କଳିଆ ବଳଦ୍ ର ହଲିଆ ନାଇଁ/ ଛିଇଁ ଦେଲେ ବଳଦ୍ ଚାଲେ ନାଇଁ"। - (ଗେଣ୍ଡା)

୫) "ଚାର୍ ଭାଇ ହେଲେ ଠୋଲ୍/ ମାର୍ ହେଲେ ରକତ୍ ଝୋଲ୍"। – (ପାନ, ଖଇର, ଗୁଆ ଓ ଚୂନର ସମାବେଶ)

୬) "କଥାନିରେ ଭାଇ କଥାନି, ଚାଏର୍ ଗୁଡ଼ିଆ, ଦୁଇ ଗୁଡ଼ିଆ ଆରୁ ତିନ୍ ଗୁଡ଼ିଆର୍ ଇଟା ବଖାନି ଇ ବଖାନି ସଭେ ଆନ୍ ଜାନଲା ଲୁକେ ପାଗା ପାନ୍"। - (ମଣିଷ)

ଏଥିରେ ମଣିଷର ତିନୋଟି ଅବସ୍ଥା ତଥା ଶୈଶବରେ ଚାରି ଗୋଡିଆ ହୋଇ ଗୁରୁଣ୍ଡିବା, କୈଶୋରରୁ ପ୍ରୌଢାବସ୍ଥା ପର୍ଯ୍ୟନ୍ତ ଦୁଇଗୋଡ଼ରେ ଚାଲିବା ଏବଂ ବାର୍ଦ୍ଧକ୍ୟରେ ଗୋଟିଏ ଯଷ୍ଟି ଉପରେ ଭରାଦେଇ ତିନିଗୋଡ଼ିଆ ହେବା – ଏ ସବୁକୁ ନେଇ ବଖାନି ପଚରା ଯାଇଥାଏ।

୭) "ରୁଆ ବିହିଡ଼ା ସଏଲା ନ/ କୁଜି କେ ନୁରା ପଡ୍ ଲାନ"। - (ଦା)

୮) "ବିନ୍ ଦୁଃଖେ ଦୁଃଖ୍/ ଖାଏବାର୍ ଟା କାଏଁ ସୁଖ୍"। – (ଲଙ୍କାମରିଚ)

ପୁଣି ଅନେକ ସ୍ଥଳରେ ଗ୍ରାମାଞ୍ଚଳରେ କିଛି ଜ୍ଞାନୀଗୁଣି ଲୋକ ଥାଆନ୍ତି, ଯେଉଂମାନେ କି ପୁରାଣର ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ୍ୟ ବଖାନି ମେଳିଥାଆନ୍ତି। ଯଥା –

୯) "ଘଏତା ମରନ୍ ପୁଓର୍ ଦଶା/ ଯୁଗିଆ କରିଛେ ପିଣ୍ଡାରେ ବସା/ ନୂଆଁ ବିହାଘର୍ ବେଦୀରେ ବର୍/ ଏତ୍ କି କଥାକେ ବିଚାର୍ କର୍"। (ରାମାୟଣ ପ୍ରସଙ୍ଗରୁ)

ଅର୍ଥାତ୍ ରାମାୟଣ ବର୍ଣ୍ଣିତ ରାବଣ ଓ ପୁତ୍ର ମେଘନାଦର ମୃତ୍ୟୁପରେ ଯୋଗୀ ବେଶଧାରୀ ପରମ ପୁରୁଷ ରାମଚନ୍ଦ୍ରଙ୍କ ଉପସ୍ଥିତି ଓ ପରାମର୍ଶରେ ମନ୍ଦୋଦରୀ ସହିତ ବିଭୀଷଣର ପୁନର୍ବିବାହ ପ୍ରସଙ୍ଗଟି ଏହି ବଖାନିରେ ପ୍ରକାଶ ପାଇଛି। ମେଘନଦାର ମୃତ୍ୟୁର ଦଶମ ଦିନ ଅର୍ଥାତ୍ ଦଶାହ ଦିନ ରାବଣର ମୃତ୍ୟୁ ହୋଇଥିବା କଥା ବଖାନିରେ ସୂଚିତ କରୁଛି।

ନିରକ୍ଷର ସାଧାରଣ ଜନତାର ହିସାବ ନିକାଶ ମୁଁହେ ମୁଁହେ ଥାଏ। ତାହାର କାଗଜ କଲମ ଧରିବାର ଆବଶ୍ୟକ ହୁଏ ନାହିଁ। ତାହାକୁ ଚାଳିଶ, ପଚାଶ କହିଲେ ବୁଝିପାରେ ନାହିଁ; ଦୁଇକୋଡି କିମ୍ବା ଦୁଇକୋଡି ଦଶ କହିଲେ ଶୀଘ୍ର ବୁଝିଯାଏ। ତେଣୁ ବେଳେବେଳେ ଏହି ଗଣିତ ସମ୍ବନ୍ଧୀୟ ବଖାନି ମଧ୍ୟ ମେଳି ଦେଇଥାଏ। ପଶ୍ଚିମ ଓଡ଼ିଶାରେ ପୂର୍ବରୁ ପ୍ରଚଳିତ ଥିବା କଡ଼ା(କଉଡ଼ି) ଏବଂ ବୋଡି ହିସାବର ଏକ ବଖାନିକୁ ଏଠାରେ ନିଆଯାଇ ପାରେ। ଯଥା-

୧୦) " ଛ' କଡ଼ା ନ' କଡ଼ା ତିନ୍ ବାରକଡ଼ା/ ଦୁଇବୁଡି ଦଶ୍ କଡ଼ା କେତେ?

ସୁରୁଖୁର୍ ହିସାବ୍ ନାଇଁ କହିପାର/ ପାଠ୍ ପଢିଥିଲେ ଯେତେ"। (ଏହା ଏକ ମିଶାଣ ଗୁଣନର ବଖାନି ଅଟେ)

(ଛ' କଡ଼ା ନ' କଡ଼ା(୬+୯)=୧୫ କଡ଼ା, ତିନ୍ ବାରକଡ଼ା = ୩*୬= ୩୬ କଡ଼ା; ଦଶ୍ କଡ଼ା = ୪୦+୧୦=୫୦ କଡ଼ା– ଏ ସବୁ ମିଶି ହେଲା ୧୦୧ କଡ଼ା) (୧ ବୁଡ଼ି = ୨୦ କଡ଼ା)

ଉପସଂହାର: ମୋଟାମୋଟି ଭାବରେ କହିବାକୁ ଗଲେ ଲୋକୋକ୍ତି ବା ଢଗଢମାଳିର ସ୍ଥାନ ଅତି ଉଚ୍ଚରେ। କାରଣ ଯେଉଁ କଥା ପ୍ରକାଶ କରିବା ପାଇଁ ଦୀର୍ଘ ସ୍ଥାନ କାବ୍ୟାଖ୍ୟାନ ଆବଶ୍ୟକ କରେ ତାହା କେତୋଟି ମାତ୍ର ସ୍ୱଳ୍ପ ଶବ୍ଦରେ ପ୍ରକାଶ ପାଇଥାଏ। ତେଣୁ ସାମ୍ପ୍ରତିକ ସମୟରେ ଶିକ୍ଷାର ସୁପ୍ରସାର ହୋଇ ସହରର ସୁଉଚ୍ଚ ବିରାଟ ଅଟ୍ଟାଳିକାମାନେ ସୃଷ୍ଟି ହେଲେ ମଧ୍ୟ ପୁରପଲ୍ଲୀର ଲୋକମାନଙ୍କ ମୁଖରେ ପ୍ରଚଳିତ ଢଗଢମାଳିର ବିଲୟ ନାହିଁ। ଏ ଦୃଷ୍ଟିକୋଣରୁ ଦେଖିଲେ ପଶ୍ଚିମ ଓଡ଼ିଶାର କଥିତ ଭାଷାରେ ଏମିତି ଅନେକ ଲୋକୋକ୍ତି ଅଛି ଯାହା ଅନ୍ୟାନ୍ୟ ଅଞ୍ଚଳର କଥିତ ଭାଷାଠାରୁ ସ୍ୱାତନ୍ତ୍ର୍ୟ ତାହାକୁ କରାଇଥାଏ। ଏଗୁଡ଼ିକ କେବଳ ଯେ କ୍ଷୁଦ୍ର ଉକ୍ତି ନୁହେଁ ଏଥିରେ ପଲ୍ଲୀ ମଣିଷର ଚିନ୍ତା ଚେତନା, ଆବେଗ, ହର୍ଷ ଉଲ୍ଲାସ, ସୁଖ ଦୁଃଖ ପ୍ରକାଶ ପାଉଥିବାରୁ ଏହାକୁ ଲୋକବେଦ ବୋଲି ମଧ୍ୟ କୁହାଯାଇ ପାରେ। ଯଦିଓ ଏଗୁଡ଼ିକର ସାହିତ୍ୟିକ ମୂଲ୍ୟ ନଥାଏ, ତଥାପି ମଧ୍ୟ ଏହାର ବ୍ୟବହାରିକ ମୂଲ୍ୟ ବହୁ ଊର୍ଦ୍ଧ୍ୱରେ। ତେଣୁ ଏହି ଅଞ୍ଚଳର ଲୋକୋକ୍ତି ବା ଢଗଢମାଳି ଉପରେ ଏକ ବିଧିବଦ୍ଧ ଗବେଷଣାର ଅପେକ୍ଷା ରଖେ।

ସହାୟକ ଗ୍ରନ୍ଥସୂଚୀ:


୧) ପଣ୍ଡା ନିମାଇଁ ଚରଣ। ୧୯୯୭। ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ସ୍ୱରୂପ। ପ୍ରକାଶନ - ପୂର୍ଣ୍ଣିମା ପ୍ରିଣ୍ଟର୍ସ, ସମ୍ବଲପୁର।(ଓଡିଆ ବିଭବ)

୨) ନାୟକ ଦ୍ୱାରିକାନାଥ। ୧୯୯୮। ସମ୍ବଲପୁରୀ ଲୋକ ଗୀତରେ ସମାଜ ଜୀବନର ସ୍ୱରୂପ। ପ୍ରକାଶନ- ଓଡ଼ିଶା ବୁକଷ୍ଟୋର, କଟକ।(ଓଡିଆ ବିଭବ)

୩) ସାହୁ ଆଦିକନ୍ଦ। ୨୦୦୩। ସମ୍ବଲପୁର ଭାଷା ସାହିତ୍ୟ ସଂସ୍କୃତି। ପ୍ରକାଶନ- ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର।(ଓଡିଆ ବିଭବ)

୪) ସାହୁ ନାରାୟଣ। ୨୦୧୧। ଓଡିଆ ପ୍ରବାଦ ପ୍ରବଚନ ଓରୂଢି କୋଷ। ପ୍ରକାଶନ – ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର।

୫) ସାହୁ ସୁଧିର କୁମାର। ୨୦୦୮। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶଧାର। ପ୍ରକାଶନ – ଅଗ୍ରଦୂତ, କଟକ।

୬) ହସନ୍ କୁମାର। ୧୯୮୨। ସମ୍ବଲପୁରୀ ଲୋକ ସାହିତ୍ୟ। ପ୍ରକାଶନ – କେ. କେ.ମିଶ୍ର ଏଣ୍ଡ କୋ, କଟକ।(ଓଡିଆ ବିଭବ)



**Does this article screened for similarity?**
Yes

**Conflict of interest**
The Author has no conflicts of interest to declare that they are relevant to the content of this article.



**About the Licenses**
© **Pradyumna Sahu 2025**. The text of this article is open access and licensed under a Creative Commons Attribution 4.0 International License



**Cite this Article :**
Sahu, Pradyumna, Paschima Odisara Lokokti_Eka Parjyalochana, Bageesha, Vol. No. 03, Issue No. 01, January-February 2025, Article No: BM2025/01-A005| Page- 32-39| DOI: https://doi.org/10.70541/BAGEESHA/2025030105